# NATIONAL NEWS BULLETIN (ODIA)

## 2 June - 2024

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ଭୋଟ୍‌ଗ୍ରହଣରେ ପ୍ରାଥମିକ ଆକଳନ ଅନୁଯାୟୀ ପାଖାପାଖି ୬୨ ଦଶମିକ ୩/୬ ପ୍ରତିଶତ ମତଦାନ ।
- ଅରୁଣାଚଳପ୍ରଦେଶ ଏବଂ ସିକିମ୍ ବିଧାନସଭା ନିର୍ବାଚନର ଚାଲିଛି ଭୋଟ୍ ଗଣତି ।
- ଆସାମ ବନ୍ୟାରେ ମୃତ୍ୟୁସଂଖ୍ୟା ୧୧କୁ ବୃଦ୍ଧି ।
- ତେଲେଙ୍ଗାନା ଆଜି ପାଳନ କରୁଛି ପ୍ରତିଷ୍ଠା ଦିବସ ।

ଏବଂ

- ଟି-ଟ୍ୱେଣ୍ଟି ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଅଭ୍ୟାସ୍ ମ୍ୟାଚ୍‌ରେ ବାଂଲାଦେଶକୁ ୬୦ ରନ୍‌ରେ ହରାଇଲା ଭାରତ ।

# ସପ୍ତମ ପର୍ଯ୍ୟାୟ ନିର୍ବାଚନ

ଦେଶର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ମତଗ୍ରହଣରେ ଗତକାଲି ପାଖାପାଖି ୬୨ ଦଶମିକ ୩/୬ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ଏହି ପର୍ଯ୍ୟାୟ ମତଗ୍ରହଣ ସହ ଗତ ଏପ୍ରିଲ ୧୯ ତାରିଖରୁ ଆରମ୍ଭ ହୋଇଥିବା ବିଶ୍ୱର ସର୍ବବୃହତ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି । ଗତକାଲି ମତଦାନ ମୋଟାମୋଟି ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ଏହି ପର୍ଯ୍ୟାୟରେ ୫୭ଟି ଲୋକସଭା ସଂସଦୀୟ କ୍ଷେତ୍ର ପାଇଁ ୯୦୪ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭବିଷ୍ୟତ ଇଭିଏମ୍‌ରେ ସିଲ୍ ହୋଇଯାଇଛି । ଏହି ପର୍ଯ୍ୟାୟରେ ପଞ୍ଜାବ ଓ ଉତ୍ତରପ୍ରଦେଶରେ ୧୩ଟି ଲେଖାଏଁ ଆସନ, ପଶ୍ଚିମବଙ୍ଗରେ ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳପ୍ରଦେଶରେ ୪ଟି, ଝାଡ଼ଖଣ୍ଡରେ ୩ଟି ଏବଂ ଚଣ୍ଡିଗଡର ଗୋଟିଏ ଲୋକସଭା ଆସନ ପାଇଁ ମତଦାନ ହୋଇଥିଲା । ବିହାରରେ ୫୧ଦଶମିକ ୯/୨ ପ୍ରତିଶତ, ଚଣ୍ଡିଗଡରେ ୬୭ଦଶମିକ ୯, ହିମାଚଳପ୍ରଦେଶରେ ୭୦ଦଶମିକ ୦/୫, ଝାଡଖଣ୍ଡରେ ୭୦ ଦଶମିକ ୬/୬, ପଞ୍ଜାବରେ ୬୧ ଦଶମିକ ୩/୨, ଉତ୍ତରପ୍ରଦେଶରେ ୫୫ ଦଶମିକ ୫/୯, ପଶ୍ଚିମବଙ୍ଗରେ ୭୩ ଦଶମିକ ୭/୯ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ।

ଓଡ଼ିଶାରେ ଗତକାଲି ଚତୁର୍ଥ ଏବଂ ଶେଷ ପର୍ଯ୍ୟାୟରେ ୬ଟି ଲୋକସଭା ଆସନ ସହ ୪୧ଟି ବିଧାନସଭା ଆସନ ପାଇଁ ମତଗ୍ରହଣ କରାଯାଇଛି । ୭୦ ଦଶମିକ ୬/୭ ପ୍ରତିଶତ ମତଦାତା ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଥିବା ଜଣାପଡିଛି । ଲୋକସଭା ଆସନ ଗୁଡ଼ିକ ପାଇଁ ନିର୍ବାଚନ ଲଢ଼ିଥିବା ପ୍ରମୁଖ ପ୍ରାର୍ଥୀମାନଙ୍କ ମଧ୍ୟରେ ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବି.ଜେ.ପି. ନେତା ଅନୁରାଗ ସିଂହ ଠାକୁର, ରବିଶଙ୍କର ପ୍ରସାଦ, କଙ୍ଗନା ରଣାୱତ୍, କଂଗ୍ରେସର ମନୀଶ ତିୱାରୀ, ବିକ୍ରମାଦିତ୍ୟ ସିଂହ, ଆର୍.ଜେ.ଡି. ନେତା ମିଶା ଭାରତୀ ଏବଂ ତୃଣମୂଳ କଂଗ୍ରେସର ଅଭିଷେକ ବାନାର୍ଜୀ ପ୍ରମୁଖ ଅଛନ୍ତି ।

ଏହି ପର୍ଯ୍ୟାୟରେ ହିମାଚଳପ୍ରଦେଶର ୬ଟି ବିଧାନସଭା ଆସନ, ବିହାରର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ଗୋଟିଏ ଲେଖାଏଁ ବିଧାନସଭା ଆସନ ପାଇଁ ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।

ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର ଏବଂ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଓ ଡକ୍ଟର ସୁଖବୀର ସିଂହ ସାନ୍ଧୁ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ ଭାବେ ସମ୍ପନ୍ନ କରିବା ଲାଗି ସମସ୍ତ ପ୍ରକାର ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରିଥିଲେ । କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଭୋଟ୍‌ଗ୍ରହଣ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି । ଆୟୋଗ କହିଛନ୍ତି ଭୋଟ୍‌ଗଣତି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତ

ନିର୍ବାଚନରେ ପୁନଃ ମତଦାନ ମଧ୍ୟ ବହୁ ପରିମାଣରେ ହ୍ରାସ ପାଇଛି । ଗଣତନ୍ତ୍ର ପାଇଁ ଏହା ଏକ ଶୁଭ ଖବର ବୋଲି ଆୟୋଗ କହିଛନ୍ତି । ଆସନ୍ତା ମଙ୍ଗଳବାର ଦିନ ସମସ୍ତ ପର୍ଯ୍ୟାୟ ଭୋଟ୍‌ଗଣତି ଏକାସଙ୍ଗେ କରାଯିବ ।

## ଏପି-ଆସେମ୍ବ୍ଲି କାଉଣ୍ଟିଂ

ଅରୁଣାଚଳପ୍ରଦେଶ ଏବଂ ସିକିମ୍ ବିଧାନସଭା ନିର୍ବାଚନ ଭୋଟ୍ ଗଣତି ଆଜି ଚାଲିଛି । ପ୍ରଥମ ପର୍ଯ୍ୟାୟରେ ପୋଷ୍ଟାଲ୍ ବାଲଟ୍ ଗଣତି ଆରମ୍ଭ ହୋଇଛି । ଅରୁଣାଚଳ ପ୍ରଦେଶରେ ଭୋଟ୍ ଗଣତି ପାଇଁ ୨୪ଟି କେନ୍ଦ୍ର ସ୍ଥାପନ କରାଯାଇଛି । ୨୦୦୦ରୁ ଊର୍ଦ୍ଧ୍ୱ ଅଧିକାରୀ ଭୋଟ ଗଣତି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ସୂଚନାଯୋଗ୍ୟ ଅରୁଣାଚଳ ପ୍ରଦେଶର ୬୦ଟି ବିଧାନସଭା ଆସନ ମଧ୍ୟରୁ ୧୦ଟିରେ ବିଜେପି ପ୍ରାର୍ଥୀ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇସାରିଛନ୍ତି । ସିକିମର ୩୨ଟି ଏବଂ ଅରୁଣାଚଳ ପ୍ରଦେଶର ଅବଶିଷ୍ଟ ବିଧାନସଭା ଆସନ ପାଇଁ ଏପ୍ରିଲ୍ ମାସ ୧୯ ତାରିଖରେ ମତ ଗ୍ରହଣ କରାଯାଇଥିଲା ।

## ପିଏମ୍-ଇସିଆଇ

ଅଷ୍ଟାଦଶ ଲୋକସଭା ନିର୍ବାଚନ ଅତ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇ ଥିବାରୁ ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ ଭାରତର ନିର୍ବାଚନ ଆୟୋଗଙ୍କୁ ତାଙ୍କର ଦୃଷ୍ଟାନ୍ତମୂଳକ କାର୍ଯ୍ୟ, ମୁକ୍ତ ଏବଂ

ଅବାଧ ନିର୍ବାଚନ ପରିଚାଳନା ନିମନ୍ତେ ପ୍ରଶଂସା କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ମୋଦୀ କହିଛନ୍ତି ଭାରତୀୟ ଗଣତନ୍ତ୍ରକୁ ମଜଭୁତ କରିବାରେ ନିର୍ବାଚନ ଆୟୋଗଙ୍କ ନିଷ୍ଠାପର ଉଦ୍ୟମ ପ୍ରଶଂସନୀୟ । ଭାରତର ନିର୍ବାଚନ ପ୍ରକ୍ରିୟା ଅନ୍ୟମାନଙ୍କ ପାଇଁ ଉଦାହରଣ ସ୍ୱରୂପ ବୋଲି ସେ କହିଛନ୍ତି । ସେହିଭଳି ସୁରକ୍ଷା ସଂସ୍ଥାଗୁଡ଼ିକୁ ମଧ୍ୟ ସେମାନଙ୍କର ଚେଷ୍ଟା ଏବଂ ଉଦ୍ୟମ ପାଇଁ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି । ତାଙ୍କର ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି ବୋଲି ସେ କହିଛନ୍ତି । ଏଥିସହ ନିର୍ବାଚନ ସହ ସଂପୃକ୍ତ ପ୍ରତ୍ୟେକଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

# ପୁରୀ ବାଣ ବିସ୍ଫୋରଣ ଘଟଣା

ପୁରୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୯ରେ ପହଞ୍ଚିଛି । ଆହତ ୨୧ଜଣ ଏବେ ମଧ୍ୟ ବିଭିନ୍ନ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । କଟକ ଏସ୍‌ସିବି ମେଡ଼ିକାଲ କଲେଜରେ ଚିକିତ୍ସିତ ହେଉଥିବା ଗୁରୁତର ଆହତଙ୍କ ମଧ୍ୟରୁ ଗତକାଲି ଜଣଙ୍କର ମୃତ୍ୟୁ ହୋଇଛି ।  ଏବେ ବି ଗୁରୁତର ଆହତଙ୍କ ମଧ୍ୟରରୁ କେତେଜଣଙ୍କୁ ଚିହ୍ନଟ କରାଯାଇ ପାରିନାହିଁ । ସେମାନଙ୍କର ଡିଏନ୍‌ଏ ପରୀକ୍ଷା କରିବାକୁ ଡାକ୍ତରଖାନା କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି ।

ଅନ୍ୟପକ୍ଷରେ ସ୍ୱତନ୍ତ୍ର ରିଲିଫ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଆସନ୍ତା ୫ ତାରିଖରେ ପୁରୀ ଗସ୍ତ କରି ଏହି

ଘଟଣାର ତଦନ୍ତ କରିବେ । ପୁରୀ ସର୍କିଟ୍ ହାଉସ୍‌ଠାରେ ବସିବାକୁ ଥିବା ତଦନ୍ତ ବୈଠକରେ ମତ ଦେବାପାଇଁ ବିଭିନ୍ନ ସଂଗଠନ, ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ତଥ୍ୟ ସଂଗ୍ରହ କରାଯିବ । ସୂଚନଯୋଗ୍ୟ ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କ ଚନ୍ଦନଯାତ୍ରା ସମୟରେ ଏହି ଦୁର୍ଘଟଣା ଘଟିଥିଲା ।

## ତେଲେଙ୍ଗାନା ଫର୍ମେସନ୍

ତେଲେଙ୍ଗାନା ଆଜି ତା'ର ପ୍ରତିଷ୍ଠା ଦିବସ ପାଳନ କରୁଛି । ଏହି ଉପଲକ୍ଷେ ସେଠାକାର ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି । ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ସିକନ୍ଦରାବାଦର ପରେଡ ଗ୍ରାଉଣ୍ଡ ଠାରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଜନସମାବେଶକୁ ସମ୍ବୋଧନ କରିବେ । ଏହାପୂର୍ବରୁ ତେଲେଙ୍ଗାନା ରାଜ୍ୟ ଗଠନରେ ପ୍ରାଣବଳି ଦେଇଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବେ ।

## ଆସାମ ଫ୍ଲଡ

ବାତ୍ୟା ରେମାଲ୍‌ର ପ୍ରଭାବରେ ଆସାମରେ ସୃଷ୍ଟ ବନ୍ୟା ପରିସ୍ଥିତିରେ ଗତ ୨୪ ଘଣ୍ଟା ମଧ୍ୟରେ ୩ଜଣଙ୍କର ମୃତ୍ୟୁ ହୋଇଛି । ଏଥିସହ ମୃତ୍ୟୁସଂଖ୍ୟା ୧୧ରେ ପହଞ୍ଚିଛି । ରାଜ୍ୟରେ ୧୦ଟି ଜିଲ୍ଲାର ୬ଲକ୍ଷରୁ ଅଧିକ ଲୋକ ଏହି ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ୫୯୭ଟି ଗାଁର ୪ହଜାର ୮୦୦ ହେକ୍ଟରରୁ ଅଧିକ ଚାଷଜମିରେ ଫସଲ କ୍ଷତିଗ୍ରସ୍ତ ହୋଇଛି । ପ୍ରଭାବିତ ଜିଲ୍ଲାଗୁଡ଼ିକରେ ୧୮୭ଟି ରିଲିଫ କ୍ୟାମ୍ପ ଖୋଲାଯାଇଥିବାବେଳେ ୯୬ଟି ରିଲିଫ ବଣ୍ଟନ କେନ୍ଦ୍ର କାର୍ଯ୍ୟ କରୁଛି । ଏନ୍.ଡି.ଆର୍.ଏଫ୍ ଏବଂ

ଏସ୍.ଡି.ଆର୍.ଏଫ୍ ଦଳ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରଖିଛନ୍ତି । ହାଇଲାକାଣ୍ଡି, କାଚାର ଏବଂ କରିମଗଞ୍ଜ ଅଧିକ ପ୍ରଭାବିତ ହୋଇଥିବା ଜଣାପଡିଛି । ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨୭ଟି ସଡ଼କ ଯୋଗାଯୋଗ, ବନ୍ଧ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି । ଉତ୍ତର-ପୂର୍ବ ସୀମାନ୍ତ ରେଳପଥର ଅନେକ ଟ୍ରେନ୍‌କୁ ଆଂଶିକ ଏବଂ ଆଉ କେତେକକୁ ସମ୍ପୂର୍ଣ୍ଣ ଭାବେ ବାତିଲ କରାଯାଇଛି । ରାଜ୍ୟର କେତେକ ନଦୀରେ ଜଳସ୍ତର ବୃଦ୍ଧି ପାଉଥିବା ଜଣାପଡିଛି ।

## ଇସିଆଇ-ସେଣ୍ଟ୍ରାଲ ଫୋର୍ସ

ନିର୍ବାଚନ ପର୍ଯ୍ୟବେକ୍ଷକ ଏବଂ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ରିପୋର୍ଟ ଆଧାରରେ ନିର୍ବାଚନ ଆୟୋଗ ଭୋଟ୍‌ଗଣତି ପରବର୍ତ୍ତୀ ଗଣ୍ଡଗୋଳକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜ୍ୟରେ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଭୋଟ୍‌ଗଣତି ଦିନଠାରୁ ୧୫ଦିନ ପର୍ଯ୍ୟନ୍ତ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମୁତୟନ ରହିବେ । ସେହିଭଳି ଉତ୍ତରପ୍ରଦେଶ, ଓଡ଼ିଶା, ସିକ୍କିମ, ଅରୁଣାଚଳ ପ୍ରଦେଶରେ ମଧ୍ୟ ଭୋଟ୍‌ଗଣତି ପରେ ଦୁଇଦିନ ପର୍ଯ୍ୟନ୍ତ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମୁତୟନ ରହିବେ ବୋଲି ଆୟୋଗ କହିଛନ୍ତି ।

# ଏଫ.ଆଇ.ଏଚ୍. ପ୍ରୋ ହକି

ଏଫ୍.ଆଇ.ଏଚ୍. ପ୍ରୋ ହକି ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ ଜର୍ମାନୀଠାରୁ ପରାସ୍ତ ହୋଇଛି । ଗତକାଲି ଏହି ବର୍ଗରେ ଭାରତ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଜର୍ମାନୀଠାରୁ ୧-୩ରେ ହାରିଯାଇଛି । ତେବେ ଆଜି ଭାରତୀୟ ମହିଳା ଦଳ ବ୍ରିଟେନ୍ ପ୍ରତିପକ୍ଷକୁ ଭେଟିବ ।

ଅନ୍ୟପକ୍ଷରେ ପୁରୁଷ ବର୍ଗରେ ଭାରତ ଗତକାଲି ୩-୦ ଗୋଲ୍‌ରେ ଜର୍ମାନୀକୁ ପରାସ୍ତ କରିଛି । ଭାରତ ପକ୍ଷରୁ ଅଧିନାୟକ ହର୍ମନ୍ ପ୍ରୀତ ସିଂହ, ସୁର୍‌ଜିତ୍ ସିଂହ ଏବଂ ଗୁର୍‌ଜାନ୍ତ ସିଂହ ଏହି ଗୋଲ୍‌ଗୁଡ଼ିକ ଦେଇଥିଲେ । ଆଜି ଭାରତ ବ୍ରିଟେନ୍‌କୁ ଭେଟିବ । ଭାରତ ମୋଟ୍ ୧୩ଟି ମ୍ୟାଚ୍‌ରୁ ୨୪ ପଏଣ୍ଟ ପାଇ ପଏଣ୍ଟ୍ ତାଲିକାର ତୃତୀୟ ସ୍ଥାନରେ ରହିଛି ।

# ଟି-ଟ୍ୱେଣ୍ଟି

ଟି-ଟ୍ୱେଣ୍ଟି ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଅଭ୍ୟାସ୍ ମ୍ୟାଚ୍‌ରେ ଭାରତ' ବାଂଲାଦେଶକୁ ୬୦ରନ୍‌ରେ ପରାସ୍ତ କରିଛି । ନ୍ୟୁୟର୍କର ନାସାଉ କାଉଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଭାରତ ୫ ୱିକେଟ୍ ବିନିମୟରେ ୧୮୨ରନ୍ ସଂଗ୍ରହ କରିଥିଲା । ରିଷଭ ପନ୍ତ ୩୨ଟି ବଲ୍‌ରୁ ୫୩ରନ୍‌ର ପାଳି ଖେଳିଥିଲେ । ୧୮୩ରନ୍‌ର ବିଜୟଲକ୍ଷ୍ୟକୁ ପିଛାକରି ବାଂଲାଦେଶ ୯ ୱିକେଟ୍ ବିନିମୟରେ ୧୨୨ରନ୍ କରିବାକୁ ସକ୍ଷମ ହୋଇଥିଲା । ଆସନ୍ତା

୫ ତାରିଖରେ ଆୟାରଲ୍ୟାଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳି ଭାରତ ତା'ର ଟି-ଟ୍ୱେଣ୍ଟି ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ ।